# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୧ ସେପ୍ଟେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ଶକ୍ତି - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ମୃତ୍ତିକା ସଂରକ୍ଷଣ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ

***6୨1 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ଜିଲ୍ଲାରେ ମୃତ୍ତିକା ସଂରକ୍ଷଣ ପାଇଁ ବିଭାଗ ତରଫରୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

### ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଚାଉଳ ଓ ଗହମ ଯୋଗାଣ

***6୨2 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ର ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସମୁଦାୟ କେତେ ସଂଖ୍ୟକ କାର୍ଡଧାରୀ ଓ ହିତାଧିକାରୀ ଅଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) ଏହି ଦୁଇଟି ଯୋଜନା ନିମନ୍ତେ ବାର୍ଷିକ କେତେ ପରିମାଣର ଚାଉଳ ଓ ଗହମ ଆବଶ୍ୟକ ପଡୁଛି?

----

### ଗ୍ରାମ ଓ ପଡାଗ୍ରାମକୁ ବିଦ୍ୟୁତ ଯୋଗାଣ

***୬୨୩ ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଗ୍ରାମ ବା ପଡାକୁ ଅଦ୍ୟାବଧି ବିଜୁଳି ଆଲୁଅ ସଂଯୋଗ ହୋଇସାରିଛି ଓ କେଉଁ କେଉଁ ଗ୍ରାମ / ପଡାକୁ ବିଜୁଳୀ ସଂଯୋଗ ହୋଇ ପାରିନାହିଁ ତାହାର ସବିଶେଷ ବିବରଣୀ ଗ୍ରାମ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବା ସହିତ ବିଜୁଳି ସଂଯୋଗ ହୋଇନଥିବା ଅବଶିଷ୍ଟ ଗ୍ରାମ / ପଡାକୁ କେବେ ସୁଦ୍ଧା ବିଜୁଳୀ ସଂଯୋଗ କରିବେ ?

----

## ପନିପରିବା ବଜାର ବ୍ୟବସ୍ଥା ପାଇଁ ମଣ୍ଡି ସ୍ଥାପନ

***୬୨୪ ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ନିର୍ବାଚନ ମଣ୍ଡଳୀରେ ଉତ୍ପାଦିତ ପନିପରିବାର ବଜାର ବ୍ୟବସ୍ଥା ପାଇଁ ପରିବା ମଣ୍ଡି ସ୍ଥାପନ ସହ ପନିପରିବାର ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଦୁଗ୍ଧ ଓ ଦୁଗ୍ଧ ଜାତୀୟ ସାମଗ୍ରୀର ମାନ ବଜାଇ ରଖିବା

***୬୨୫ ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ଦେଶର ଅନ୍ୟ ରାଜ୍ୟରେ ମିଳୁଥିବା ଦୁଗ୍ଧ ଓ ଦୁଗ୍ଧ ଜାତୀୟ ସାମଗ୍ରୀର ଗୁଣନାତ୍ମକ ମାନ ହ୍ରାସ ନେଇ ଅଭିଯୋଗ ହେଉଥିବା ଦୃଷ୍ଟିରୁ ଓଡ଼ିଶାରେ ଏ ସମସ୍ୟା ସମ୍ପର୍କରେ ସରକାର କିଛି ଯାଞ୍ଚ କରିଛନ୍ତି କି, ଉତ୍ତର ହଁ ହୋଇଥିଲେ ଏ ସମ୍ପର୍କରେ କି ତଥ୍ୟ ମିଳିଛି, ଏବଂ ଉପରୋକ୍ତ ସାମଗ୍ରୀର ମାନ ବଜାଇ ରଖିବା ଲାଗି କଣ କରାଯାଉଅଛି ?

----

## ହସ୍ତତନ୍ତ ଓ ବୟନ ଶିଳ୍ପ ଉପରେ ନିର୍ଭରଶୀଳ

***୬୨୬ ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମାଧ୍ୟମରେ କେତେ ସଂଖ୍ୟକ ଲୋକ ଓ ସମୁଦାୟ କେତେଭାଗ ଲୋକ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଛନ୍ତି, ଏ କ୍ଷେତ୍ରରେ ଅଧିକ ସଂଖ୍ୟକ ଯୁବକ ଯୁବତୀ ମାନଙ୍କୁ କୁଶଳୀ କରିବା ଓ ଆତ୍ମନିର୍ଭରଶୀଳ କରିବାପାଇଁ କି ବ୍ୟବସ୍ଥା ଅଛି ଓ ଏଦିଗରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ; ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଏପ୍ରକାର ଶିଳ୍ପକୁ ପ୍ରୋତ୍ସାହନ ଦେବାପାଇଁ ଚିନ୍ତା କରୁଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା

***୬୨୭ ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେଉଁ ବୃହତ ଶିଳ୍ପକୁ ଆଧାର କରି କେତେଗୋଟି ଡାଉନଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା ହୋଇଛି, ପ୍ରକାଶ କରି ଜିଲ୍ଲାରେ ଅଧିକ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଜ୍ଞାନ କାରିଗରୀ ବିଭାଗ ଦ୍ଵାରା ବିଭିନ୍ନ କାର୍ଯ୍ୟ

*୬୯୫ **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଏକ ପଛୁଆ ଅଂଚଳ ଅଟେ, ଏହି ଅଞ୍ଚଳର ଉନ୍ନତି ପାଇଁ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ଚିତ୍ରକୋଣ୍ଡା ପାଇଁ କଣ ସବୁ ସ୍କିମ ରହିଛି ବିସ୍ତୃତ ଭାବରେ ଜଣାଇବେ କି ?

----

## ପାନଚାଷୀଙ୍କୁ ପ୍ରୋତ୍ସାହନ

*୬୯୯ **ଶ୍ରୀ ଅଶ୍ଵିନୀ କୁମାର ପାତ୍ର (ଜଳେଶ୍ଵର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପାନଚାଷକୁ କେଉଁ ପ୍ରକାର ଫସଲ ମାନ୍ୟତା ଦିଆଯାଉଛି ଓ କେଉଁ ପ୍ରକାର ପାନଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି ଏବଂ ଆଗାମୀକାଲିର ଏହାର ଯୋଜନା ସମ୍ବନ୍ଧରେ ସରକାର ତଥ୍ୟ ଉପସ୍ଥାପନ କରିବେ କି?

----

## ଚାଉଳ, ଗହମ ଓ କିରୋସିନ ଯୋଗାଣ

*700 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାସୁଦେବପୁର ବ୍ଲକରେ କେତେଜଣ ହିତାଧିକାରୀ ଏବଂ ପୌର ପାଳିକାର କେତେ ଜଣ ହିତାଧିକାରୀଙ୍କୁ କେଉଁ କେଉଁ Agency ଦ୍ଵାରା ଅନୁଦାନ ପ୍ରଦାନ କରାଯାଇଅଛି, ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେ କି; ମାସିକ କେତେ ପରିମାଣର ଚାଉଳ, ଗହମ, କିରୋସିନ, କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଅଛି ?

----

## Frequent Power outage in Western Odisha

*701 **Shri Sagar Charan Das (Bhawanipatna):**

Will the Minister for **Energy** be pleased to state that:- What steps are being taken to mitigate frequent power outages in Western Odisha, particularly in rural areas, and what investments have been made in upgrading the power infrastructure in the past 5 years?

----

## କାର୍ଯ୍ୟରତ କୃଷି ସମବାୟ ସମିତି

***702 ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେଗୋଟି କୃଷି ପ୍ରାଥମିକ ସମବାୟ ସମିତି କାର୍ଯ୍ୟ କରୁଛି, କେନ୍ଦ୍ର ସରକାର ପ୍ରତି ଗ୍ରାମ ପଞ୍ଚାୟତରେ କୃଷି ପ୍ରାଥମିକ ସମବାୟ ସମିତି ଖୋଲିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟରେ କେତେ ପଞ୍ଚାୟତରେ କୃଷି ପ୍ରାଥମିକ ସମବାୟ ସମିତି ନାହିଁ, ତାହା କେବେସୁଦ୍ଧା ପ୍ରତି ଗ୍ରାମ ପଞ୍ଚାୟତରେ ନୂତନ କୃଷି ପ୍ରାଥମିକ ସମବାୟ ସମିତି ଖୋଲିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, (ଖ) ରାଜ୍ୟର କୃଷି ପ୍ରାଥମିକ ସମବାୟ ଗୁଡିକର କର୍ମଚାରୀମାନଙ୍କୁ ନିଯୁକ୍ତି ଏକ ସ୍ୱତନ୍ତ୍ର ନିୟମ କରାଯାଇ ରାଜ୍ୟସ୍ତରରେ ଏକ କମିଟି ଦ୍ୱାରା ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ପ୍ରଚଳିତ ଦୁଗ୍ଧ ପ୍ରକ୍ରୀୟା କରଣ ଶିଳ୍ପ

***703 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 2018 ମସିହା ଠାରୁ ଆଜି ପର୍ଯ୍ୟନ୍ତ ଓଡିଶା ଚାଷୀ ମାନଙ୍କର କେତେ ଦୁଗ୍ଧ Collection ହୋଇଛି ତା ମଧ୍ୟରୁ କେତେ ଦୁଗ୍ଧ OMFED ନିଜସ୍ୱ କାରଖାନାରେ Processing ହୋଇଛି ଏବଂ କେତେ ଦୁଗ୍ଧ ଓଡ଼ିଶା ବାହାରକୁ Processing ହେବା ପାଇଁ ଯାଇଛି Processing ହେବାକୁ ଯାଇଥିବା ଦୁଗ୍ଧ କେଉଁ Company କୁ ଯାଉଛି ସେମାନଙ୍କର ନାମ ଓ ସ୍ଥାନ ପ୍ରକାଶ କରିବେକି ; (ଖ) OMFED ଭଳି ଆଉ କେତୋଟି ଦୁଗ୍ଧ ପ୍ରକ୍ରିୟା କରଣ କାରଖାନା ଓଡିଶାରେ ଅଛି ସମ୍ପୂର୍ଣ୍ଣ ବିବରଣୀ ତଥ୍ୟ ପ୍ରଦାନ କରିବେ କି, ଏବଂ ଆଞ୍ଚଳିକ ସ୍ତରରେ ବା MSME ମାଧ୍ୟମରେ ଦୁଗ୍ଧ ପ୍ରକ୍ରିୟା କରଣ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ତରଫରୁ କେଉଁ କେଉଁ ପ୍ରୋତ୍ସାହନ ରହିଛି, ସମ୍ପୂର୍ଣ୍ଣ ତଥ୍ୟ ବିବରଣୀ ପ୍ରଦାନ କରିବେ କି ?

----

## ଅକ୍ଷୟ କୋଷ ଦ୍ୱାରା ଅର୍ଥ ପ୍ରଦାନ

***704 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 10 ବର୍ଷ ମଧ୍ୟରେ ଆଠଗଡ ବୟନମଣ୍ଡଳ ଅଧିନରେ ବୁଣାକାରମାନଙ୍କ ପାଇଁ ଉର୍ଦ୍ଦିଷ୍ଟ 'ଅକ୍ଷୟ କୋଷ' ରୁ କେଉଁ WCS କେତେ ଅର୍ଥ ନେଇଛନ୍ତି ଏବଂ କେଉଁମାନେ କେତେ ଅର୍ଥ ପରିଶୋଧ କରିବା କଥା, କେତେ କରିଛନ୍ତି ଏବଂ କେଉଁମାନେ ଆଦୌ ଦାଖଲ କରିନାହାଁନ୍ତି ତାହାର ଏକ ବର୍ଷୱାରୀ WCS ୱାରୀ ତାଲିକା ପ୍ରଦାନ କରିବା ସହ, ପରିଶୋଧ କରିନଥିବା WCS ଗୁଡିକ ଉପରେ ବିଭାଗ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଏଥିପାଇଁ ସରକାରଙ୍କର ନିତୀ ନିୟମ କଣ ରହିଅଛି?

----

## MSME କ୍ଷେତ୍ରରେ ଅଭିବୃଦ୍ଧି ତ୍ୱରାନ୍ୱିତ

***705 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ରାଜ୍ୟର ମୋଟ ଶିଳ୍ପ ଉତ୍ପାଦନରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (MSME ) କ୍ଷେତ୍ରର ଭାଗିଦାରୀ ଅଂଶ କେତେ ପ୍ରତିଶତ ଓ ବିଗତ ତିନିବର୍ଷ ମଧ୍ୟରେ MSME କ୍ଷେତ୍ରର ଅଭିବୃଦ୍ଧି ସମ୍ବନ୍ଧରେ ସରକାର କୌଣସି ସର୍ଭେ କରିଛନ୍ତି କି ? ଏଥିସହିତ MSME କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଜଣାଇବେ କି ?

----

## କୃଷକ ସମସ୍ୟାର ସମାଧାନ

*706 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ତା.20.08.2024 ରିଖରେ ଗଜପତି ଜିଲ୍ଲା କୃଷକ ସଙ୍ଘ ତରଫରୁ କୃଷକମାନଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ ପତ୍ର ଦେଇଥିବା ସତ୍ୟ କି, ଯଦି ସତ୍ୟ ସେସବୁ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନେଇଛନ୍ତି ?

----

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ରିଟେଲର ନିଯୁକ୍ତି

*707 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗୀର ଜିଲ୍ଲାରେ କେତେଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିକୁ ରିଟେଲର ନିଯୁକ୍ତି କରାଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ଦାୟୀତ୍ୱ ପ୍ରଦାନ କରାଯାଇଛି, ଅଧିକ ଗୋଷ୍ଠିକୁ ଏଥିରେ ସାମିଲ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ?

----

## Substation କାର୍ଯ୍ୟ ଶେଷ କରିବା

*708 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାର ଶିର୍ଡ଼ିଗୁଡା ଠାରେ ଏକ 220/33 KV Substation କାମ ଗତ 2015 ଠାରୁ ଚାଲିଅଛି ଆଜି ପର୍ଯ୍ୟନ୍ତ ଉକ୍ତ Substation କାମ ସରୁ ନାହିଁ କିମ୍ବା କାର୍ଯ୍ୟକ୍ଷମ ହେଉନାହିଁ ଏଣୁ ଏତେ ଦିନ ପର୍ଯ୍ୟନ୍ତ କାମ ନସରିବାର କାରଣ କଣ ଏବଂ କେବେସୁଦ୍ଧା କାମ ସରିବ ଏବଂ ଉକ୍ତ Substation ଟି କାର୍ଯ୍ୟକ୍ଷମ ହେବ ?

----

## ବୀମା କମ୍ପାନୀ ଦ୍ୱାରା କ୍ଷୟକ୍ଷତି ପ୍ରଦାନ

*709 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ନ୍ୟସ୍ତ ପ୍ରାଇଭେଟ ବୀମା କମ୍ପାନୀମାନେ ଫସଲ କ୍ଷୟକ୍ଷତି ଟଙ୍କା ପ୍ରଦାନ କରିବା ବେଳେ ହଇରାଣ କରୁଥିିବା ବିଷୟ ଅବଗତ ଅଛନ୍ତି କି, ଯଦି ହଁ, ତା'ହେଲେ ପ୍ରାଇଭେଟ ବୀମା କମ୍ପାନୀ ବଦଳରେ ପବ୍ଲିକ ବୀମା କମ୍ପାନୀ ନ୍ୟସ୍ତ କରିବେ କି ?

----

## ମାଛଧରା ବନ୍ଦର ନିର୍ମାଣ

*710 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ କେତେଗୋଟି ମାଛଧରା ବନ୍ଦର କେଉଁଠାରେ ଅଛି, ପ୍ରକାଶ କରି ଜିଲ୍ଲାରେ ଅଧିକ ମାଛଧରା ବନ୍ଦର ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## Silver filigree work in Odisha

*711 **Sofia Firdous (Barabati-cuttack):**

Will the Minister for **Textiles, Handlooms & Handicrafts** be pleased to state that:- (a) Given the centuries-old heritage and cultural significance of Silver filigree work in Odisha, which has recently been awarded a Geographical Indication(GI) Tag, why has the government not accelerated the establishment of a dedicated Silver Filigree Hub ; (b) Considering that the Odia Asmita Fund is meant to protect and promote the cultural identity of Odisha, will the government prioritize utilizing this fund for the rapid development of the Silver Filigree Hub to ensure the preservation of this ancient craft and to empower the local artisan community; If not, why is the government ignoring silver filigree and its craftsmen, despite it being a pride of Odisha?

----

## ଶିଳ୍ପ ସ୍ଥାପନ ନିମନ୍ତେ ଅର୍ଥ ବିନିଯୋଗ

*712 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୫ ବର୍ଷରେ ଓଡ଼ିଶା ରାଜ୍ୟ ଅର୍ଥ ନିଗମ ଓ IPICOL ଶିଳ୍ପ ସ୍ଥାପନ ନିମନ୍ତେ କେତେ କେତେ ଅର୍ଥ କେତୋଟି ଶିଳ୍ପ ସଂସ୍ଥାରେ ବିନିଯୋଗ କରିଥିଲେ, ଶିଳ୍ପ ସଂସ୍ଥାଗୁଡ଼ିକର ନାମ ଓ ଠିକଣା, ଋଣ ରାଶିର ବର୍ଷୱାରୀ ପରିସଂଖ୍ୟାନ ଦେବେକି, ଋଣ ପାଇଥବା ସବୁ ସଂସ୍ଥାମାନ ସମ୍ପୂର୍ଣ୍ଣରୂପେ କାର୍ଯ୍ୟ ଆରମ୍ଭ କରିଛନ୍ତି କି ନାହିଁ, ସଂସ୍ଥାମାନଙ୍କ ମଧ୍ୟରେ କେଉଁ କେଉଁ ସଂସ୍ଥା ସମ୍ପୂର୍ଣ୍ଣରୂପେ କାର୍ଯ୍ୟ ଆରମ୍ଭ କରିଛନ୍ତି ସେଗୁଡ଼ିକର ନାମ ଓ ଠିକଣା ଦେବେ କି, ଅବଶିଷ୍ଟ ସଂସ୍ଥାମାନଙ୍କର ପ୍ରକଳ୍ପ ରୂପାୟନର Progress Report ପ୍ରଦାନ କରିବେ କି ?

----

## Subsidy rate ରେ କୃଷି ଯନ୍ତ୍ରପାତି ଯୋଗାଇବା

*713 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଭାଗଚାଷୀମାନଙ୍କୁ Subsidy rate ରେ କୃଷି ଯନ୍ତ୍ରପାତି, ଉନ୍ନତ୍ତ ବିହନ, ସାର, କୀଟନାଶକ ଔଷଧ, ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇବା ସହ ମଣ୍ଡିରେ ଓ ମିଲବାଲାଙ୍କ ପାଖରେ ସେମାନଙ୍କ ଧାନ ଆଗ ନେବା ପାଇଁ ପଥ ପରିଷ୍କାର କରିବେ କି, ଦଲାଲଙ୍କ ହାବୁଡରୁ ରକ୍ଷା କରିବା ପାଇଁ ଠିକ୍ ଚାଷୀଙ୍କୁ ଟୋକନ ଦେବା ପାଇଁ ଓ ଧାନର ଅଭାବୀ ବିକ୍ରି ଦୂର କରିବା ପାଇଁ, ଅଣଚାଷୀଙ୍କୁ ପ୍ରତ୍ୟେକ କ୍ଷେତ୍ରରୁ ନଜର ରଖିବା ପାଇଁ ବ୍ୟବସ୍ଥା କରିବା ସହ ମଣ୍ଡିରେ ଅନିୟମିତତା ଗୁଣ୍ଡାରାଜ ରୋକିବା ପାଇଁ ଦୃଢ ପଦକ୍ଷେପ ନେବେ କି ?

----

## ପଞ୍ଚାୟତ ମାଧ୍ୟମରେ PDS ସାମଗ୍ରୀ ବିତରଣ

*714 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଜିଲ୍ଲାରେ PDS ସାମଗ୍ରୀ ପଞ୍ଚାୟତ ମାଧ୍ୟମରେ ବିତରଣ କରାଯାଇଅଛି କେତୋଟି ଜିଲ୍ଲାରେ SHG ମାଧ୍ୟମରେ ଏବଂ କେଉଁ କେଉଁ ଜିଲ୍ଲାରେ ପୁରୁଣା ଡିଲର ମାଧ୍ୟମରେ ବଣ୍ଟନ କରାଯାଇଅଛି, ସମସ୍ତ ଜିଲ୍ଲାକୁ ଏକକ ବିତରଣ ମାଧ୍ୟମରେ କରିବାକୁ କ'ଣ ପଦକ୍ଷେପ ନିଆଯାଇଅଛି ?

----

## ଗ୍ରାମକୁ ପୂର୍ଣାଙ୍ଗ ବିଦ୍ୟୁତ୍ କରଣ

*715 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନ ମଣ୍ଡଳୀରେ କେଉଁ ବ୍ଲକରେ କେତୋଟି ଗ୍ରାମକୁ ଅଦ୍ୟାବଧି ବିଦ୍ୟୁତ୍ କରଣ ହୋଇ ପାରିନାହିଁ, ଏହି ଗ୍ରାମ ଗୁଡ଼ିକୁ କେବେ ସୁଦ୍ଧା ପୂର୍ଣାଙ୍ଗ ବିଦ୍ୟୁତ୍ କରଣ କରିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ?

----

## ସ୍ୱୟଂସହାୟକ ଗୋଷ୍ଠୀକୁ ସମବାୟ ଋଣ ପ୍ରଦାନ

*716 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାର କେତେଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଗତ ତିନି ବର୍ଷରେ କେତେ ସମବାୟ ଋଣ ପ୍ରଦାନ କରାଯାଇଛି, ତାହାର ତାଲିକା ପ୍ରଦାନ କରିବେ କି ?

----

## ଚିଲିକାରୁ ଉତ୍ପାଦିତ ହେଉଥିବା ମାଛ, କଙ୍କଡ଼ା

***717 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ଚିଲିକାରୁ କେତେ ଚିଙ୍ଗୁଡ଼ି, ମାଛ, କଙ୍କଡ଼ା ଓ ଅନ୍ୟ ମତ୍ସ୍ୟଜାତ ସାମଗ୍ରୀ ଉତ୍ପାଦିତ ହୋଇଛି, ତନ୍ମଧ୍ୟରୁ କେତେ ବିଦେଶକୁ ରପ୍ତାନୀ ହୋଇ କେତେ ଅର୍ଥ ଆୟ ହୋଇଛି, ପ୍ରକାଶ କରି ଚିଲିକାରେ ମାଛ କଙ୍କଡ଼ା ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମାଟିକଳା ବୋର୍ଡ ଗଠନ

***718 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଟିଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାର ଗୃହ ଉପକରଣ ଏବଂ ଅତ୍ୟାଧୁନିକ ସାମଗ୍ରୀ ବାହାର ରାଜ୍ୟମାନଙ୍କରୁ ଆସି ଆମ ରାଜ୍ୟରେ କୋଟି କୋଟି ଟଙ୍କା ବ୍ୟବସାୟ ହେଉଥିବା ସହିତ ବାହାର ଦେଶକୁ ମଧ୍ୟ ରପ୍ତାନି ହେଉଅଛି ଏ ବିଷୟରେ ସରକାର ଅବଗତ ଅଛନ୍ତି କି; ଯଦି 'ହଁ' ଦେଶର 7 ଗୋଟି ରାଜ୍ୟରେ ମାଟିକଳା ବୋର୍ଡ ସ୍ଥାପନ ହୋଇ ନିଜ ରାଜ୍ୟର କୁମ୍ଭକାର ପରିବାର ମାନଙ୍କର ଆର୍ଥିକ ସ୍ୱଚ୍ଛଳତା, କର୍ମ ନିଯୁକ୍ତି ଓ ରାଜ୍ୟର ରାଜସ୍ୱ ବୃଦ୍ଧିରେ ସହାୟତା ବିଷୟକୁ ଅନୁଧ୍ୟାନ କରାଯାଇ ରାଜ୍ୟରେ ମାଟିକଳା ବୋର୍ଡ ସ୍ଥାପନ କରିବେ କି ?

----

## ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ Start up ଓଡ଼ିଶା ଯୋଜନାର ଅନୁଦାନ

***719 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ୫ ବର୍ଷରେ Start up ଓଡ଼ିଶା ଯୋଜନାରେ କେତୋଟି Start up ସଂସ୍ଥା କେତେ ଅନୁଦାନ ପାଇଛନ୍ତି; ସେମାନଙ୍କ ଅନୁଦାନର ପରିମାଣ ସହ ସେମାନଙ୍କର ଠିକଣା ଜିଲ୍ଲାୱାରୀ ପ୍ରଦାନ କରିବେ କି ଏବଂ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ବାହାରର କେତେ Start up ପଞ୍ଜିକୃତ ସଂସ୍ଥା, Start up ଓଡ଼ିଶା ଯୋଜନାରେ ଅନୁଦାନ ପାଇଛନ୍ତି, ସେମାନେ କିପରି ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ; (ଖ) Start up ଓଡ଼ିଶା ଏବଂ ବିଭାଗରେ କେତେ ଜଣ ପରାମର୍ଶଦାତା ବା ପରାମର୍ଶଦାତା ସଂସ୍ଥା ନିୟୋଜିତ ହୋଇଛନ୍ତି ଏବଂ ଗତ ୫ ବର୍ଷରେ ସେମାନଙ୍କୁ ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି ?

----

## କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ

***720 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲା ସେମିଳିଗୁଡା ଅନ୍ତର୍ଗତ ଜାନିଗୁଡା Mixed Farm ରେ ଏକ କୃଷି ବିଶ୍ୱବିଦ୍ୟାଳୟର ସ୍ଥାପନ ପାଇଁ ପ୍ରସ୍ତାବ ଥିଲା ଏହାର ଅଗ୍ରଗତି ଦିଗରେ ସୂଚନା ପ୍ରଦାନ କରିବେକି ?

----